ଶମ୍ବୁରାଣ ଉପାଖ୍ୟାନ
ବିଭୁରଷର ନନ୍ଦନ ଶମ୍ବୁରାଣ ଆଧିପତି
ଆଦି ଦିଗପାଳ ମାନନ୍ତ ସେ ବରିଲା ସବୁନ୍ତି ।୧ ।
ବିଶ୍ୱାନଳ କରି ଯେ କଲାକ ଭିଆଣ
ମହାପ୍ରତାପୀ ଯେ ହୋଇଲା ଶମ୍ବୁରାଣ ।୨ ।
ସୂର୍ଯ୍ୟଙ୍କର ନନ୍ଦନୀ ଯେ ହୋଇଲା ତପତୀ
ଦେବତାୟେ ସହି ନ ପାରିଲେ କନ୍ୟାର ତେଜ ଯେ ମୂରତି ।୩ ।
କେବଳ ମାତ୍ର ତାହାକୁ ସଂଗ୍ୟାଂ ଜନ୍ମ ଦେଲେ
ଅତ୍ୟନ୍ତମତେ କେ କତିକି ଯାଇଂ ନୁଆରିଲେ ।୪ ।
ଆକାଶେ ସୟଂବର କରିଲେ ଦେବ ଆଦି
ଦିଗପାଳମାନନ୍ତ ବରି ସଭାୟେ ସ-।ଦି ।୫ ।
ତ୍ରିଦଶ ଦେବତାୟେ ବସିଲେ ଆସ୍ଥାନେ
ତପତୀ ସୟଂବର ଚରିତ ବିଦ୍ୟମାନେ ।୬ ।
ନବସାଗର ଯେ ବ୍ରହ୍ମରଷିମାନନ୍ତ ଘେନି
ମଳୟ ମଣ୍ଡଳେ ଯାଇଂ ବିଜୟେ ପଦ୍ମଯୋନି ।୭ ।
ଚଉଦ କୋଟି ଯେ ଶିବଗଣନ୍ତ ଘେନି ତୁଲେ (ସଂଖ୍ୟା)
ବୃଷଭ ବାହନେ ଯାଇଂ ରୁଦ୍ରେ ବିଜେ କଲେ ।୮ ।
ଅଳକା ଭୁବନୁଂ ବିଜେ କୁବେର ଦେବତା
ସାତ ପଦ୍ମ ସଇନି ଘେନି ଧନାଧିପ ଉପଗତା ।୯ ।
ଅମର ଭୁବନ ତେଜି ଅଇଲେ ଅମରାଧି
ଅଇରାବ୍ରତ ଆରୋହି ବିଜୟେ ଜମ୍ଭୋଭେଦୀ ।୧୦ ।
----
୫ ।୨ ସୟଂବରେ ଦିଗପାଳମାନନ୍ତ ବରିଲା ସବୁନ୍ତି । (ପା)
୧ ।୧ ବିଭୁରକ୍ଷ-(ସଂ) ରୁକ୍ଷୁ । ଶମ୍ବୁରାଣ-(ସଂ) ସମ୍ବରଣ ।
୪ ।୧ ସଂଗ୍ୟାଂ-(ସଂ) ସଂଜ୍ଞା ୫ ।୧ ଆଦି-ସୂର୍ଯ୍ୟ
୬ ।୨ ସୟମ୍ବର-ସ୍ୱୟମ୍ବର
୧୦ ।୧ ଅମରାଧି-ଅମର-ସ୍ୱର୍ଗ, ତାହାର ଆଧି-ଅଧିପତି-ଇନ୍ଦ୍ର,
୧୦ ।୨ ଜମ୍ଭୋଭେଦି-ଇନ୍ଦ୍ର । ଜମ୍ଭଭେଦୀ ସ୍ଥାନରେ ଜମ୍ଭୋଭେଦୀ ।

ଚଉଷଠି ପୁତ୍ର ଘେନିଣ ଅମରଗଣ ସଂ
ବିଜୟେ ସୁରନାଥ ସୂର୍ଯ୍ୟ ସଭାୟେଣ ।୧୧ ।
ଅଣଚାଶ ପବନ ପକ୍ଷ ଯେ କିନ୍ନର
କାଳଗଣନ୍ତ ଘେନି ବିଜୟେ ନାଶକର ।୧୨ ।
ମଧୁକର ମଳୟ ବସନ୍ତ ଅନନ୍ତ
ବିଜୟେ କରୁଣାକର ଗଗନାଧିନାଥ ।୧୩ ।
ଗର୍ଜନ ନାଦ କରି ନିର୍ଘାତ ନରପତି
ସଅମ୍ବରେ ବିଜୟେ ଯାଇ ମଣ୍ଡଳ ଚକ୍ରବ୍ରତୀ ।୧୪ ।
ମେଘମାଳ ସହିତେ ନୃପତି ହେମବନ୍ତ
ସେହି ପ୍ରବେଶ ହୋଇଲେ ମଳୟ ପର୍ବତ ।୧୫ ।
ଆହୋ ଗନ୍ଧର୍ବ ଯକ୍ଷ କିନ୍ନର ସୁରସିଦ୍ଧ ମୁନି
ସୟମ୍ବର କଲେ ସେ ଦେବତା ମାନନ୍ତ ଘେନି ।୧୬ ।
ୟେସନେକ ସୟମ୍ବର ଦେଖିଣ ବିବୁଧଆଦି
ଦେବତାନ୍ତ ସମାର୍ଜନା କଲେ ଦେବ ଯେ ଅନାଦି ।୧୭ ।
ତ୍ରିଦଶ ଦେବତାମାନେ ବସିଲେ ଆସ୍ଥାନେ
ବିନୟ ଭାବେ ପଚାରନ୍ତି ଗଗନାଧି ଶୂନ୍ୟେ ।୧୮ ।

ଯେ ମୋହୋର ଦୁହିତା ଯେ ଅଟଇ ତପତୀ
ସୟଂବର ନିମନ୍ତେ ମୁଂ ବରିଲି ସବୁନ୍ତି ।୧୯ ।
ଯେ ଯାହାର କଣ୍ଠେ ନେଇ ଦେବ ପୁଷ୍ପମାଳି
ସେ ତାହାର ବଲ୍ଲଭ ହୋଇବ ସତ୍ୟ ପ୍ରତିପାଳି ।୨୦ ।
ତ୍ରିଦଶ ଦେବତାୟେ ଅନେକ ବେଶ ବେଶନେ
ବିଜୟେ ବୃନ୍ଦାଅର୍କେ ପଦ୍ମ ଯେ ଆସନେ ।୨୧ ।
ବଦୟନ୍ତି କରତା ଶୁଣ ଗୋ ତପତୀ
ତୋହୋର ନିମନ୍ତେ ମୁଂ ବରିଲି ସବୁନ୍ତି ।୨୨ ।
-----
୧୧ ।୧ ଚଉଷଠି କୋଟି ଯେ ମିଳିଲେ ଅମରଗଣ । (ପା) (ସଂଖ୍ୟା)
୧୪ ।୨ ସୟମ୍ବରେ ବିଜୟେ ଯାଇ ମଣ୍ଡଳ ଚକ୍ରବ୍ରତୀ । (ପା)
୧୮ ।୨ ବିନୟଭାବେ ପଚାରନ୍ତି ଗଗନ ଲିଙ୍ଗ ଶୂନ୍ୟେ । (ପ)
୧୪ ।୨ ଚକ୍ରବ୍ରତୀ-ଚକ୍ରବର୍ତ୍ତୀ । ୧୮ ।୧ ଆସ୍ତାନେ-ଆସ୍ଥାନେ
୨୧ ।୨ ବୃନ୍ଦାଅର୍କେ-ବୃନ୍ଦାରକେ-ଦେବତାମାନେ, ୨୨ ।୧ କରତା-ସୂର୍ଯ୍ୟ

ଯାହାକୁ ଇଛା ଗୋ ବର ତୋହୋର ଚିତ୍ତେ
ପାରିଜାତକ ପୁଷ୍ପମାଳ ଗୋ ଦିଅ ତୋହାର ହୃଦଗତେ ।୨୩ ।
ପିତାର ବଚନ ଯେ ଶୁଣିଣ ତପତୀ
ମାଳା ଘେନି ମିଳିଲା ସେ ସୁରନାଥର କତି ।୨୪ ।
ତପତୀର ତେଜ ଜାଳା ଅନଳ ପରାୟେ
ଭୟେଣ ଅନ୍ତର ତହୁଂ ଯେ ହୋଇଲେ ସୁରରାୟେ ।୨୫ ।
ଇନ୍ଦ୍ର ଦେବତା ଯହୁଂ ଅନ୍ତର ହୋଇଲା
ମାଳା ଘେନି ତପତୀ କୁବେର ସନ୍ନିଧ୍ୟେ ମିଳିଲା ।୨୬ ।
ପାଶକୁ ଆସନ୍ତେ ସେ ସାଂଗ୍ୟାର ଦୁଲଳା
ତପତୀର ତେଜ ଯେ ଲାଗିଲା ମହାଜାଳା ।୨୭ ।
କୁବେର ଦେବତା ଯେ ସଭାରେ ନ ରହିଲେ
ଉଠିଣ ଆପଣା ଭୁବନେ ଚଳି ଗଲେ ।୨୮ ।
ତହୁଂ ମାଳା ଘେନି ଚଳିଲା ସୂର୍ଯ୍ୟର ନନ୍ଦନୀ
ସନ୍ନିଧ୍ୟେଣ ଦେଖିଲା ସେ ଦେବ ପଦ୍ମଯୋନି ।୨୯ ।
ଆହୋ ତପତୀର ତେଜ ଯେ ମହାଅନଳ ପରାୟେ
ମରୁଳ ଆରୋହି ପିତା ହୋଇଲେ ଅନ୍ତର୍ଦ୍ଧାୟେ ।୩୦ ।
ପିତାମହଙ୍କୁ ନ ଦେଖି ସେ ଦିନକର କୁମାରୀ
ମାଳା ଘେନି ମିଳିଲା ଯହିଂ ବିଜୟେ ତ୍ରିପୁରାରି ।୩୧ ।
ସଦାଶିବ କତିକୁ ଯାଆନ୍ତେଣ ଅବଳା
ରୁଦ୍ର ଶରୀରେ ସେ ଲାଗିଲା ମହାଜାଳା ।୩୨ ।
ଭୟେଣ ଘୁଞ୍ଚିଲେ ସେ ଦେବ ପଞ୍ଚମଉଳି
ଶିବଗଣ ମାନନ୍ତ ଘେନି ସେ କପିଳାସେ ଗଲେ ଚଳି ।୩୩ ।
ପୁଣି ମାଳାୟେକ ଯେ ଘେନିଣ ତପତୀ
ବିଜୟେ ସୁନ୍ଦରୀ ଯାଇଁ ହେମବନ୍ତର କତି ।୩୪ ।
----
୨୯ ।୧ ତହୁଂ ମାଳାଘେନି ଗବନ ସୂର୍ଯ୍ୟର ବାଳୀ
୨୯ ।୨ ପଦ୍ମଯୋନି ନାଥ ସନ୍ନିଧ୍ୟେ ଯାଇ ମିଳି ।
୨୭ ।୧ ସାଂଗ୍ୟାର-ସଂଜ୍ଞାର
୩୦ ।୨ ମରୁଳ-ମରାଳ-ହଂସ

ଦେଖିଣ ଭୟେ ସେ କଲା ହେମବନ୍ତ
ଆସ୍ଥାନୁଂ ଉଠି ସେ ଚଳିଗଲା ଶୂନ୍ୟପଥ ।୩୫ ।
ଆହୋ ତପତୀର ତେଜେ ପଳାଇଲେ ବୃନ୍ଦାଅର୍କେ
ଯେ ଯାହାର ଭୁବନେ ଯେ ମିଳିଲେ ଦେବଲୋକେ ।୩୬ ।
ଆଦିତ୍ୟ ବୋଇଲେ ୟେ ସୟମ୍ବର ସରିଲା
କେହି ତ କନ୍ୟାକୁ ମୋ ବରଣ ନୋହିଲା ।୩୭ ।

ଦୋହିତା ହୋଇଂ ଯେବେ ପିତା ଘରେଣ ରଜବତୀ (superstition, mense)
ପିତୃ ଲୋକମାନେ ଯେ ପାବନ୍ତି ନର୍କ ଗତି ।୩୮ ।
ୟେସନେକେ ବିଚାର କରନ୍ତେଣ ଦେବ ସୂର୍ଯ୍ୟ
ଅଶ୍ୱେକ ଚଢିଣ ବିଜେ କଲେ ଶମ୍ବୁରାଣ ମହାରାଜ ।୩୯ ।
ବଦୟନ୍ତି କରତାର ଶୁଣ ଗୋ ତପତୀ
ୟେ ମହାରାଜା ଗୋ ସୋମବଂଶର ଆଧିପତି ।୪୦ ।
ୟେହାର ବଂଶେ ଗୋ ଅମରେ ହୁଅନ୍ତି ପାଟ
ମାଳା ଘେନି ୟାଇଂ ଗୋ ୟେହାର ସନ୍ନିଧ୍ୟେଣ ଭେଟ ।୪୧ ।
ପିତାଙ୍କର ବଚନେଣ ସେ ମୃଗନୟନୀ
ମିଳିଲାକ ସୁନ୍ଦରୀ କରେ ମାଳ ଅର୍ଘ୍ୟ ଘେନି ।୪୨ ।
ଅଶ୍ୱ ଉପରେଂ ବିଜେ କରିଛନ୍ତି ଶମ୍ବୁରାଣ
ମାଳା ଘେନିଣ ତପତୀ ମିଳିଲା ସନ୍ନିଧ୍ୟେଣ ।୪୩ ।
ନୃପତି ହୃଦରେ ନେଇ ଦିଲାକ ପୁଷ୍ପମାଳେ
ଶ୍ରୀଭୁଜେ ଧରିନେଇ ଶମ୍ବୁରାଣ ବସାଇଲେ କୋଳେ ।୪୪ ।
ଦେଖିଣ ପରମ ସାନନ୍ଦ ଦେବ ଅଂଶୁମାଳୀ
ସାଧୁ ସାଧୁ ଶମ୍ବୁରାଣ ବୋଲି ଜୟେ ଧ୍ୱନି ତୋଳି ।୪୫ ।
ଅନେକ ସମ୍ପର୍ବେ ସେ ରାଜାଧିରାଜପତି
ତପତୀ ପ୍ରଦାନ ଯେ କଲାକ ଯଥାରୀତି ।୪୬ ।

------

୩୭ ।୨ କେହିତ କନ୍ୟାକୁ ମୋର ପ୍ରଦାନ ନୋହିଲା ।
୪୬ ।୧ ଅନେକ ସମ୍ପର୍ବ କଲାକ ସୂର୍ଯ୍ୟାଧି ।
୩୫ ।୧ ହେମବନ୍ତ-ହିମବାନ୍, ୩୮ ।୧ ଦୋହିତା-ଦୁହିତା
୪୪ ।୧ ଦିଲାକ-ଦେଲାକ
ଶମ୍ବୁରାଣ ବିଳସଇ ସେ ସୁନ୍ଦରୀ ତପତୀ
କୁରୁ ନାମେଣ ପୁତ୍ର ତହୁଂ ହୋଇଲା ଉତପତ୍ତି । ୪୭-୧୫୯ (corrected)